## କେସିଙ୍ଗାରେ ଦୁଇ ପଜିଟିଭ ଚିହ୍ନଟ

କେସିଙ୍ଗା, ୧୧ା୭ (ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସିର ବଗାଡ ଓ କାନ୍ତେଶିର ଗ୍ରାମର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହୁଥିବା ଜଣେ ୨୦ ବର୍ଷିୟ ଯୁବକ ଏବଂ ଜଣେ ୧୯ ବର୍ଷୀୟା ଯୁବତୀଙ୍କଠାରେ ଶନିବାର କରୋନା ପଜିଟିଭ ଚିହ୍ନଟ ହୋଇଛି। ଏ ଦୁହିଁଙ୍କୁ ଭବାନୀପାଟଣା କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କଲିକତାର ଏହି ଯୁବକ ଜଣକ ବଗାଡରେ ଏକ ଭଡା ଘର ନେଇ ଫେରିବାଲା ଭାବେ ବ୍ୟବସାୟ କରୁଥିଲେ। ଅନ୍ୟପକ୍ଷେ ଯୁବତୀ ଜଣକ ଗୋଲାମୁଣ୍ଡାର । ସେ ଆନ୍ଧ୍ରପ୍ରଦେଶକୁ କାମ କରିବାକୁ ଯାଇଥିଲେ ବୋଲି କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଡୁ ପ୍ରକାଶ କରିଛନ୍ତି।

### ସଂକ୍ଷେପରେ

## ସୋରଡ଼ା ଲ୍ୟାମ୍ପ୍ସରୁ ୩ ଲକ୍ଷ ୬୧ ହଜାର ଟଙ୍କା ଚୋରି

ନୂଆଗାଁ,୧୧ା୭(ଡି.ଏନ.ଏ.)-ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ସୋରଡା ଲ୍ୟାମ୍ପ୍ସରୁ ଶୁକ୍ରବାର ରାତିରେ ଆଲମିରା ତାଲା ଭାଙ୍ଗି ୩ ଲକ୍ଷ ୬୧ ହଜାର ୧୬୪ ଟଙ୍କା ଚୋରି ହୋଇଥିବା ବିଶ୍ରା ଥାନାରେ ଅଭିଯୋଗ ହୋଇଛି । ହାତୀବାରି ବହୁମୁଖୀ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶିକା ପ୍ରିୟଙ୍କା ସାହୁଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି । ଏନେଇ ସ୍ଥାନୀୟ କେତେଜଣ ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏହି ଘଟଣାରେ ଝାଡ଼ଖଣ୍ଡର ଅପରାଧୀଙ୍କ ହାତଥିବା ଚର୍ଚ୍ଚା ହେଉଛି । ବିଶ୍ରା ପୋଲିସ ପାଟ୍ରୋଲିଂ କରୁ ନ ଥିବାରୁ ଉକ୍ତ ଅଞ୍ଚଳରେ ଏଭଳି ଘଟଣା ବାରମ୍ବାର ଘଟୁଛି ବୋଲି ଅଭିଯୋଗ ହୋଇଛି।

## ଛାତ୍ରାବାସ ପାଇଁ ଏମ୍‌ସିଏଲ ଦେଲା ୮୯.୭୦ ଲକ୍ଷ

ସମ୍ବଲପୁର, ୧୧ା୭ (ବ୍ୟୁରୋ) ଗ୍ରାମାଞ୍ଚଳ ସ୍କୁଲର ଭିତ୍ତିଭୂମି ବିକାଶ କରିବାକୁ ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଗୁରୁତ୍ୱାରୋପ ଦେଇ ଆସୁଛି। ଏହି କ୍ରମରେ ସମ୍ବଲପୁ ଜିଲା ଟିକିଲିପଡା ସ୍ଥିତ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସ ନିର୍ମାଣ କରିବାକୁ କମ୍ପାନୀ ଯୋଜନା ପ୍ରସ୍ତୁତ କରିଛି। ଏଥିପାଇଁ ଏମ୍‌ସିଏଲ ୮୯.୭୦ ଲକ୍ଷ ଟଙ୍କା ମଞ୍ଜୁର କରିଛି । ଏହି ବିଦ୍ୟାଳୟ ଏମସିଏଲ ବସୁନ୍ଧରା କ୍ଷେତ୍ରର ଟିକିଲିପଡା ପୁନର୍ବାସ ବସ୍ତି ଅଞ୍ଚଳରେ ଅବସ୍ଥିତ । ମୁଖ୍ୟତଃ ଏସ୍‌ସି/ଏସଟି, କୃଷକ ବର୍ଗର ଛାତ୍ରୀଛାତ୍ରମାନେ ଉପକୃତ ହୋଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ୭ ଦୁର୍ଘଟଣାଜନିତ ମାମଲାର ବିଚାର

ଦେବଗଡ,୧୧ା୭(ଡି.ଏନ.ଏ) ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଦେବଗଡ ଜିଲା କୋର୍ଟ ପରିସରରେ ଶନିବାର ଏକ ଜିଲାସ୍ତରୀୟ ଅଣୁ(ମାଇକ୍ରୋ)ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲରେ କେବଳ ୭ଟି ଦୁର୍ଘଟଣା ଜନିତ ମାମଲାର ବିଚାର କରାଯାଇଛି। ଆପୋଷ ବୁଝାମଣା ମାଧମରେ କ୍ଷତିପୂରଣ ବାବଦକୁ ମୋଟ ୪୩ ଲକ୍ଷ ୧୦ହଜାର ଟଙ୍କା ଆଦାୟ କରାଯାଇଥିଲା। ଜିଲା ଓ ଦୌରା ଜଜ ସୁଦୀପ୍ତ କୁମାର ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାଜଜ ସସ୍ମିତା ପାଢ଼ୀ, ରେଜିଷ୍ଟ୍ରାର ରମାକାନ୍ତ ମହାନ୍ତି, ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। କୋଭିଡ-୧୯ ନିୟମ ପାଳନ ପୂର୍ବକ ସାମାଜିକ ଦୂରତ୍ୱ ରକ୍ଷା ଏବଂ ମାସ୍କ ପରିଧାନ କରି ଆଇନଜୀବୀ ଓ ଦାବିଦାରମାନେ ଏହି ଲୋକ ଅଦାଲତରେ ଅଂଶଗ୍ରହଣ କରିଥିଲେ।

## ସ୍ୱାସ୍ଥ୍ୟକର୍ମୀଙ୍କ ଭରସାରେ ରୋଗୀସେବା

କର୍ଲାମୁଣ୍ଡା, ୧୧ା୭ (ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରେଗଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ଡାକ୍ତର ନାହାନ୍ତି। ଏଠାରେ ଏବେ ସ୍ୱାସ୍ଥ୍ୟକର୍ମୀଙ୍କ ଭରସାରେ ରୋଗୀସେବା ଚାଲିଛି। ଏଠାରେ ଅବସ୍ଥାପିତ ଥିବା ଚିକିତ୍ସା ଅଧିକାରୀ ଡାକ୍ତର ଗୋଲକେଶ ପ୍ରସାଦ ମନ୍ତ୍ରୀ ଚଳିତ ମାସ ୩ ତାରିଖଠାରୁ ଜୁଲାଇ୧୭ ପର୍ଯ୍ୟନ୍ତ ଭବାନୀପାଟଣା କୋଭିଡ୍ ହସ୍ପିଟାଲକୁ ଡେପୁଟେସନରେ ଯାଇଛନ୍ତି। ଏଣୁ ରୋଗୀସେବା ପ୍ରଭାବିତ ହୋଇଛି। ରେଗଡା ସରପଞ୍ଚ ସୁଶାନ୍ତ ପରିଡ଼ା କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରତାପ କୁମାର ବେହେରାଙ୍କୁ ଚିଠି ଲେଖି ଡାକ୍ତର ମନ୍ତ୍ରୀଙ୍କ ଡେପୁଟେନସନ ବାତିଲ ପାଇଁ ଅନୁରୋଧ କରିଛନ୍ତି। ହେଲେ ଫଳ କିଛି ହୋଇନି। ଏ ନେଇ ସିଡିଏମ୍‌ଓ ବେହେରାଙ୍କୁ ପଚାରିବାରୁ ନୂଆ କରି ସେ ଦାୟିତ୍ୱ ନେଇଛନ୍ତି। ଘଟଣା ସମ୍ପର୍କରେ ଜାଣି ନାହାନ୍ତି। ଏବେ ବିଚାର କରିବେ ବୋଲି କହିଛନ୍ତି।

## ବାଲ୍ୟ ବିବାହ ମୁକ୍ତ ପଞ୍ଚାୟତ ପାଇଁ ପ୍ରୟାସ

ଦେବଗଡ଼,୧୧ା୭(ଡ଼ି.ଏନ.ଏ.): ଦେବଗଡ଼ ଜିଲା ବସାଲଇକୁ ବାଲ୍ୟ ବିବାହ ମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ଏ ନେଇ ସରପଞ୍ଚ ଦିଲୀପ କୁମାର ପଟ୍ଟନାୟକ ୮ ଜଣ ୱାର୍ଡ଼ ମେମ୍ବର, ଅଙ୍ଗନୱାଡ଼ି କର୍ମୀ ଓ ଆଶାକର୍ମୀଙ୍କୁ ନେଇ ଏକ ବୈଠକ କରିଛନ୍ତି। ଏଥିରେ ବସାଲଇ ପଞ୍ଚାୟତକୁ ସମ୍ପୂର୍ଣ୍ଣ ବାଲ୍ୟ ବିବାହ ମୁକ୍ତ କରିବାକୁ ଆଲୋଚନା ହୋଇଛି। ସେହିଭଳି ପଞ୍ଚାୟତ ସମ୍ମିଳନୀ କକ୍ଷରେ ଜିଲା ଶିଶୁ ସୁରକ୍ଷା ଅଧିକରୀ ରୋମିଓ ମହାପାତ୍ର ଯୋଗଦେଇ ବାଲ୍ୟ ବିବାହ ନିଷେଧ ଅଧିନିୟମ-୨୦୦୬ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ।

# ରାସ୍ତା ପାଇଁ ଶ୍ମଶାନ ଉଚ୍ଛେଦ

ସମ୍ବଲପୁର,୧୧ା୭(ବ୍ୟୁରୋ)

- ସମସ୍ୟା ଭୋଗୁଛନ୍ତି ମାନେଶ୍ୱର ଅଞ୍ଚଳବାସୀ
- ପ୍ରଶାସନ, କମ୍ପାନୀ ଦେଇଛନ୍ତି ମିଛ ପ୍ରତିଶ୍ରୁତି
- ତେଜୁଛି ଜନ ଅସନ୍ତୋଷ

ସମ୍ବଲପୁର-ଅନୁଗୋଳ ୫୫ ନମ୍ବର ଜାତୀୟ ରାଜପଥ ଚାରିଥାକିଆ ରାସ୍ତାନିର୍ମାଣ କରାଯାଉଛି। ଏଥିପାଇଁ ଜମି ଅଧିଗ୍ରହଣ ସମୟରେ ମାନେଶ୍ୱର ମାଳତୀ ନଦୀ ତଟରେ ଥିବା ଶ୍ମଶାନ ଉଚ୍ଛେଦ ହୋଇଛି । ଇତିମଧ୍ୟରେ ୩ବର୍ଷ ବିତିଛି । ହେଲେ ନୂତନ ଶ୍ମଶାନ ନିର୍ମାଣ କରାଯାଉନାହିଁ। ଫଳରେ ମାନେଶ୍ୱର, ହାଲିପାଲି, କଣ୍ଟେଇପାଲି ଗ୍ରାମବାସୀ ମୃତଦେହ ସତ୍କାର ପାଇଁ ସମସ୍ୟା ଭୋଗୁଛନ୍ତି । ଗୁରୁବାର ମାନେଶ୍ୱର ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ତାଙ୍କ ମୃତଦେହ ସତ୍କାର ପାଇଁ ଏଭଳି ଅସୁବିଧା ହୋଇଥିଲା। ଏହାକୁ ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି । ଶୀଘ୍ର ଶ୍ମଶାନ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଅଭିଯୋଗ ଅନୁସାରେ, ଶ୍ମଶାନ ଭାଙ୍ଗିବାକୁ ଗ୍ରାମବାସୀ ବିରୋଧ କରିଥିଲେ। ହେଲେ ସେ ସମୟରେ ପ୍ରଶାସନିକ ଅଧିକାରୀ, ଠିକା କମ୍ପାନୀ ଅଧିକାରୀ ଆସି ଆଲୋଚନା କରିଥିଲେ । ଏଥିପାଇଁ ଅନୁଦାନ ଆସିଛି । ୩ ମାସ ଭିତରେ କାମ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ୩ ବର୍ଷ ବିତିଯାଇଥିଲେ ମଧ୍ୟ କାମ ଆରମ୍ଭ ହୋଇନାହିଁ । ମାନେଶ୍ୱର ନିବାସୀ ପ୍ରମୋଦ ବିଶ୍ୱାଳ କହିଛନ୍ତି, ଏହା ମାନେଶ୍ୱର ପାଇଁ ବଡ ସମସ୍ୟା । ଅନେକ ଥର ଏ ନେଇ ଅଭିଯୋଗ କରାଯାଇଛି। ମୃତଦେହ ସତ୍କାର ପାଇଁ ଆମକୁ ସମ୍ବଲପୁର ସହର ରାଜଘାଟକୁ ଯିବାକୁ ପଡୁଛି । ସମସ୍ତଙ୍କ ପାଇଁ ଏହା ସୁବିଧା ହେବନାହିଁ । ଖର୍ଚ୍ଚାନ୍ତ ସହ ହଇରାଣ ହେବାକୁ ପଡୁଛି। ଅନୁଦାନ ଆସିଛି, ପ୍ରଶାସନ ଶୀଘ୍ର ନିର୍ମାଣ କାମ ଆରମ୍ଭ କରୁ ବୋଲି ସେ ଦାବି କରିଥିଲେ। ଏ ସମ୍ପର୍କରେ ଜାତୀୟ ରାଜପଥ ନିର୍ମାଣ ସଂସ୍ଥା ପ୍ରକଳ୍ପ ମ୍ୟାନେଜର ଭେଙ୍କଟ ରେଡ୍ଡୀ କହିଛନ୍ତି ଯେ, ଶ୍ମଶାନ ନିର୍ମାଣ ପାଇଁ ସମ୍ବଲପୁର ମହାନଗର ନିଗମକୁ ଟଙ୍କା ପ୍ରଦାନ କରାଯାଇଛି। ହେଲେ କେଉଁ କାରଣରୁ ହୋଇ ପାରୁନାହିଁ ଜାଣି ନ ଥିବା ସେ କହିଛନ୍ତି ।


ସମ୍ବଲପୁର ମହାନଗର ନିଗମ ଅଧୀନ ମାନେଶ୍ୱରେ ଥିବା ଶ୍ମଶାନ ତାଡି ଦିଆଯାଇଛି।

## କଳାହାଣ୍ଡି ଜିଲାରେ ୪ ଆକ୍ରାନ୍ତ ଚିହ୍ନଟ

ଭବାନୀପାଟଣା, ୧୧ା୭ (ଡି.ଏନ.ଏ)

କଳାହାଣ୍ଡି ଜିଲାରେ ଆଉ ୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତମାନଙ୍କ ମଧ୍ୟରୁ ୨ ଜଣ କଲମପୁର ବ୍ଲକ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ସେମାନେ ହାଇଦ୍ରାବାଦ ଫେରନ୍ତା । ସେହିପରି ଜଣେ କେସିଙ୍ଗା ବ୍ଲକ ସଙ୍ଗରୋଧ କେନ୍ଦ୍ରରେ ଥିଲେ ଓ ସେ ପଶ୍ଚିମବଙ୍ଗ ଫେରନ୍ତା। ସେହିପରି ଚତୁର୍ଥ ଆକ୍ରାନ୍ତ ଆନ୍ଧ୍ରପ୍ରଦେଶ ଫେରନ୍ତା ଓ କେସିଙ୍ଗା ସଙ୍ଗରୋଧ କେନ୍ଦ୍ରରେ ଥିଲେ । ଏହି ୪ ଆକ୍ରାନ୍ତକୁ ମିଶାଇ ଜିଲାରେ ଏହି ସଂଖ୍ୟା ୮୩ରେ ପହଞ୍ଚିଛି। ସେହିପରି ଭବାନୀପାଟଣା ସ୍ଥିତ ମାଣିକେଶ୍ୱରୀ ଘରୋଇ ହସ୍ପିଟାଲରେ କରୋନା ରୋଗୀ ଚିହ୍ନଟ ପରେ ଜିଲା ପ୍ରଶାସନ ଦ୍ୱାରା ହସ୍ପିଟାଲକୁ ସିଲ୍ କରାଯାଇଛି । ଡାଏଲିସିସ ପାଇଁ ଆସିଥିବା ରୋଗୀଙ୍କ ସହଯୋଗୀ କରୋନା ପଜିଟିଭ ଜଣାପଡିବା ପରେ ଉକ୍ତ ହସ୍ପିଟାଲକୁ ସ୍ୱାସ୍ଥ୍ୟ ବିଭାଗ ଏଭଳି ପଦକ୍ଷେପ ନେଇଛି ।

## କିର୍‌ଗିଜସ୍ତାନରେ ଫସି ରହିଛନ୍ତି ବଲାଙ୍ଗୀରର ୧୦ମେଡିକାଲ ଛାତ୍ରୀଛାତ୍ର

ବଲାଙ୍ଗୀର ଅଫିସ, ୧୧ା୭

- ସେମାନଙ୍କ ମଧ୍ୟରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣରେ ନିହତ ସୌମ୍ୟ ଶେଖରଙ୍କ ଭଉଣୀ ଅବନ୍ତିକା
- ଫେରାଇ ଆଣିବାକୁ ଆକୁଳ ନିବେଦନ

ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣରେ ପ୍ରାଣ ହରାଇଥିବା ନବବିବାହିତ ସୌମ୍ୟଶେଖର ସାହୁଙ୍କ ମାତାପିତା ଅଧ୍ୟାପକ ରବୀନ୍ଦ୍ର କୁମାର ସାହୁ ଓ ଅବସରପ୍ରାପ୍ତ କଲେଜ ଅଧକ୍ଷା ସଞ୍ଜୁକ୍ତା ସାହୁଙ୍କ ପାଇଁ ଏବେ ଏକ ନୂଆ ସମସ୍ୟା ଚିନ୍ତାର କାରଣ ପାଲଟିଛି। ତାଙ୍କର ଏକମାତ୍ର ଝିଅ ଅବନ୍ତିକା ଏବେ ସୁଦୂର କିର୍‌ଗିଜସ୍ତାନରେ ରହିଯାଇଛନ୍ତି। କରୋନା ସଂକ୍ରମଣ ଯୋଗୁ କିର୍‌ଗିଜସ୍ତାନରେ ଅବସ୍ଥା ସାଂଘାତିକ ହେବାକୁ ବସିଲାଣି । ଏଭଳି ସ୍ଥିତିରେ ଝିଅର ପ୍ରତ୍ୟାବର୍ତ୍ତନ ଚିନ୍ତାରେ ଘାରି ହେଉଛନ୍ତି ସାହୁ ଦମ୍ପତି।

କିର୍‌ଗିଜସ୍ତାନ ରାଜଧାନୀ ବିଶ୍‌କେକ୍ ଠାରୁ ପ୍ରାୟ ୨୦ କିଲୋମିଟର ଦୂରରେ ଥିବା କାଣ୍ଟ ସ୍ଥିତ ଏସିଆନ୍ ମେଡିକାଲ ଇନଷ୍ଟିଚ୍ୟୁଟ୍‌ରେ ଅବନ୍ତୀକା ଏବେ ଚତୁର୍ଥ ବର୍ଷ ମେଡିକାଲ ଛାତ୍ରୀ । ସେଠାରେ ଭାରତୀୟ ଛାତ୍ରୀଛାତ୍ରଙ୍କୁ ମେଡିକାଲ ସୁବିଧା ଦିଆଯାଉ ନାହିଁ। ସେମାନଙ୍କ ଅବସ୍ଥା ସାଂଘାତିକ ହୋଇପଡିଲାଣି। ଏ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ ହୋଇଛି । ସୋସିଆଲ ମିଡିଆ ପୋଷ୍ଟରୁ ସେଠାରେ ଭାରତର ପ୍ରାୟ ୩ହଜାର ମେଡିକାଲ ଛାତ୍ରୀଛାତ୍ର ପଢୁଛନ୍ତି । ଏହି ଛାତ୍ରୀଛାତ୍ରଙ୍କ ଭିତରେ ସାହୁ ଦମ୍ପତିଙ୍କ ଝିଅ ଅବନ୍ତିକାଙ୍କ ସହ ବଲାଙ୍ଗୀରର ୧୦ ଛାତ୍ରୀଛାତ୍ର ଅଟକି ରହିଛନ୍ତି। ପ୍ରାୟ ଦୁଇବର୍ଷ ତଳେ ପାର୍ସଲ ବୋମା ବିସ୍ଫୋରଣରେ ଏକମାତ୍ର ନବବିବାହିତ ପୁଅ ସୌମ୍ୟ ଶେଖରଙ୍କୁ ହରାଇଥିବା ସାହୁ ଦମ୍ପତିଙ୍କ ମାନସିକ ଅବସାଦ ଦୂର ହୋଇ ନ ଥିବାବେଳେ କିରଗିଜ୍‌ସ୍ତାନରେ ଏକମାତ୍ର ଝିଅ ଫସି ରହିବା ଚିନ୍ତା ଅଧିକ ବଢାଇ ଦେଇଛି। ତାଙ୍କ ଝିଅ ସମେତ ସମସ୍ତ ଭାରତୀୟ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରିବା ପାଇଁ ସାହୁ ଦମ୍ପତି ଭାରତ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି ।

## ୧୭ ଶାଳଗଣ୍ଡି ଜବତ

ଭବାନୀପାଟଣା, ୧୧ା୭ (ଡି.ଏନ.ଏ)

କଳାହାଣ୍ଡି ଉତ୍ତର ବନଖଣ୍ଡ ଅଧୀନ ଦେପୁର ପଞ୍ଚାୟତ, ଡୁଙ୍ଗୁରିଗୁଡା, ଖଇରଭାଡି ଗ୍ରାମରେ ବନ ବିଭାଗ ଅତର୍କିତ ଚଢ଼ାଉ କରି ୧୭ଟି ଶାଳ ଗଣ୍ଡି ଜବତ କରିଛି। ଏଥିରେ କୌଣସି ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇନାହିଁ। ଚଢ଼ାଉରେ ଭଟାଙ୍ଗପଦର ସେକସନ ଫରେଷ୍ଟର ଲୋକା ଚନ୍ଦ୍ର ପୋଡ଼, ଭବାନୀପାଟଣା ସଦର ଫରେଷ୍ଟର ଡମ୍ବରୁଧର ପ୍ରଧାନ, ସାନ୍ତପୁର ଫରେଷ୍ଟର ରତ୍ନାକର ଧରୁଆ ଏବଂ ଭବାନୀଶଙ୍କର ପରିଛା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ବରଗଡ଼ ସହରାଞ୍ଚଳ ଶଟ୍‌ଡାଉନ୍

ବରଗଡ଼ ଅଫିସ୍,୧୧ା୭

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଚଳିତ ମାସର ଶନିବାର, ରବିବାର ଜିଲାର ପୌରାଞ୍ଚଳକୁ ଶଟ୍‌ଡାଉନ୍ ଘୋଷଣା କରାଯାଇଛି । ଏହି କ୍ରମରେ ଶନିବାର ଜିଲାର ବରଗଡ଼, ଅତାବିରା, ବରପାଲି, ପଦ୍ମପୁର, ବିଜେପୁର ଏବଂ ପୌରାଞ୍ଚଳ ଅର୍ଥାତ୍ ସହରାଞ୍ଚଳ ଶଟ୍‌ଡାଉନ୍ ରହିଥିଲା। ପରିବା ବଜାରଠାରୁ ଆରମ୍ଭ କରି ବିଭିନ୍ନ ଦୋକାନ, ବଜାର ବନ୍ଦ ରହିଥିଲା। କେବଳ ଔଷଧ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଉଥିବା ଦୋକାନ ଖୋଲା ରହିଥିଲା। ସେହିପରି ରାସ୍ତାଘାଟରେ ଗାଡ଼ି ଚଳାଚଳ ମଧ୍ୟ ବନ୍ଦ ରହିଥିଲା ଏବଂ ସ୍ଥାନୀୟ ସରକାରୀ, ଘରୋଇ ବସଷ୍ଟେଣ୍ଡରେ ଯାତ୍ରୀବାହୀ ବସ୍‌ଗୁଡ଼ିକ ଅଟକି ରହିଥିଲା । କେବଳ ଜରୁରୀ କାମରେ ଯାଉଥିବା ଗାଡ଼ିଗୁଡ଼ିକୁ ଛଡ଼ା ଯାଇଥିଲା। ସହରର ବିଭିନ୍ନ ଛକ ସ୍ଥାନରେ ପୋଲିସ ମୁତୟନ ରହିଥିବା ଦେଖିବାକୁ ମିଳିଥିଲା।

## ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ବରଗଡ଼ ଅଫିସ୍,୧୧ା୭

ବରଗଡ଼ ଜିଲା ଝାରବନ୍ଧ ଥାନା ପଗାରପାଣି ଗ୍ରାମରେ ଶନିବାର ଜଣେ ବିବାହିତ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ହେଲେ ଉକ୍ତ ଗ୍ରାମର ଘନଶ୍ୟାମ ବେହେରା। ପୋଲିସ ମୃତଦେହ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି । ମୃତକଙ୍କ ସ୍ତ୍ରୀ ଗାୟତ୍ରୀଙ୍କ ଏତଲାକୁ ଭିତ୍ତି କରି ଝାରବନ୍ଧ ଥାନାରେ ଏକ ମାମଲା (ନଂ.୬୭/୨୦) ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି ।

ସୂଚନା ଅନୁଯାୟୀ, ଘନଶ୍ୟାମ ଶୁକ୍ରବାର ରାତ୍ରିରୁ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ । ଶନିବାର ସକାଳୁ ନିଜ ଘରର ଅନତି ଦୂରରେ ରହିଥିବା ଏକ ମହୁଲ ଗଛରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତିରୁ ତାହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ଏବଂ ଆତ୍ମହତ୍ୟା ରୂପ ଦେବା ପାଇଁ ଅଭିଯୁକ୍ତ ମୃତଦେହକୁ ସେଭଳି ଝୁଲାଇ ଦେଇଥିବା ଅନୁମାନ କରାଯାଉଛି। ମୃତକଙ୍କ ସ୍ତ୍ରୀ ମଧ୍ୟ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ।

### ଫଟୋରେ ଖବର


ଶନିବାର ସମ୍ବଲପୁରରେ ଶଟ୍‌ଡାଉନ୍ ପାଇଁ ଜେଲ ଛକ ସମ୍ପୂର୍ଣ୍ଣ ଜନଶୂନ୍ୟ ।

## ସୁବର୍ଣ୍ଣପୁର ସପ୍ତାହାନ୍ତ ଶଟ୍‌ଡାଉନ୍

ସୋନପୁର,୧୧ା୭(ନି.ପ୍ର.)

**ରାସ୍ତାଘାଟ ଶୂନ୍‌ଶାନ, ପୋଲିସ ଯାଞ୍ଚ କଡାକଡି**

ସୁବର୍ଣ୍ଣପୁର ଜିଲାରେ କରୋନା ପଜିଟିଭ୍ ସଂଖ୍ୟା ବଢିବାରେ ଲାଗିଛି। ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ୪୫ରେ ପହଞ୍ଚିଛି । ସଂକ୍ରମଣକୁ ରୋକିବା ପାଇଁ ଅନ୍‌ଲକ୍ ୨.୦ ପାଇଁ କେନ୍ଦ୍ର ସରକାର ଗାଇଡ୍ ଲାଇନ୍ ଜାରି କରିଛନ୍ତି । ତେବେ ସ୍ଥାନୀୟ ସଂକ୍ରମଣଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜୁଲାଇ ମାସ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଜିଲାରେ କରୋନା ସଂକ୍ରମଣ ଏଡାଇବାକୁ ସମ୍ପୂର୍ଣ୍ଣ ଜିଲାକୁ ସପ୍ତାହାନ୍ତ ଶଟ୍‌ଡାଉନ୍ ଘୋଷଣା କରାଯାଇଛି । ଶନିବାର ପ୍ରଥମ ଦିବସରେ ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଦୋକାନ ବଜାର, ସରକାରୀ ଓ ବେସରକାରୀ ଅଫିସ୍, ନିର୍ମାଣ କାର୍ଯ୍ୟ, ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି । ପୋଲିସ ପକ୍ଷରୁ ଜିଲାର ସୀମା ଗୁଡିକରେ ଯାଞ୍ଚ କଡାକଡି କରାଯାଇଥିଲା । କେବଳ ଜରୁରୀ କାର୍ଯ୍ୟରେ ଯାଉଥିବା ଲୋକଙ୍କୁ ଛଡା ଯାଇଥିଲା । ଜିଲାର ୬ଟି ବ୍ଲକ, ଗୋଟିଏ ମ୍ୟୁନିସିପାଲିଟି ଓ ୨ଟି ଏନଏସି ଅଞ୍ଚଳରେ ଶଟ୍‌ଡାଉନ୍‌ର ପ୍ରଭାବ ଅନୁଭୂତ ହୋଇଛି । ଜନସାଧାରଣ ଏଥିରେ ସହଯୋଗ କରି ଘରୁ ବାହାରି ନାହାନ୍ତି । ତେବେ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ, ଔଷଧ ଦୋକାନ ଭଳି ଅତ୍ୟାବଶ୍ୟକ ସେବାକୁ କଟକଣାରୁ ବାଦ୍ ଦିଆଯାଇଛି । ସଂକ୍ରମଣ ବଢୁଥିବାରୁ ସୁବର୍ଣ୍ଣପୁର ସୀମାନ୍ତ ଜିଲାକୁ ପୂର୍ବରୁ ହଟ୍‌ସ୍ପଟ୍ ଘୋଷଣା କରାଯାଇଛି । ଶନିବାର ଏବଂ ରବିବାର ଶଟ୍‌ଡାଉନ୍ ହେଉଥିବାରୁ ସମ୍ପୃକ୍ତ ଜିଲାରେ ରହି କାମ କରୁଥିବା ଅନେକ ଶ୍ରମଜୀବୀ ସୁବର୍ଣ୍ଣପୁର ପଳାଇ ଆସୁଥିଲେ । ଏହା ଗୋଷ୍ଠୀ ସଂକ୍ରମଣକୁ ନିମନ୍ତ୍ରଣ କରୁଛି । ଏହାକୁ ନଜରରେ ରଖି ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି । ଜୁଲାଇ ମାସରେ ସପ୍ତାହାନ୍ତ ଶଟ୍‌ଡାଉନ୍ ସହ ପ୍ରତ୍ୟହ ରାତି ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ସମଗ୍ର ଜିଲାରେ କର୍ଫ୍ୟୁ ଜାରି ହୋଇଛି । ଏହି ସମୟରେ ଜରୁରୀ କାମ ନ ଥିଲେ କେହି ବାହାରେ ବୁଲାବୁଲି କରି ପାରିବେ ନାହିଁ । ସେହିପରି ହଟ୍ ସ୍ପଟ୍ ଜିଲାଗୁଡିକରୁ କେହି ସୁବର୍ଣ୍ଣପୁରକୁ ଆସିଲେ ଟିଏମ୍‌ସିରେ ନଚେତ୍ ହୋମ୍ କ୍ୱାରାଣ୍ଟାଇନ୍‌ରେ ୧୪ ଦିନ ରହିବା ବାଧ୍ୟତାମୂଳକ କରାଯାଇଛି ।


ସୋନପୁର ବସଷ୍ଟାଣ୍ଡ ଶନିବାର ଶୂନ୍‌ଶାନ ରହିଛି ।

# ଗଦା ହେଲାଣି ୫୦ଲକ୍ଷ ମେଟ୍ରିକ୍ ଟନ୍ ପାଉଁଶ

ଝାରସୁଗୁଡ଼ା ଅଫିସ,୧୧ା୭

**ଗୋଚର ଜମିରେ କାରଖାନା ବର୍ଜ୍ୟବସ୍ତୁ ପକାଯିବା ଘଟଣା**

ଝାରସୁଗୁଡ଼ା ଜିଲାରେ ଥିବା ୨ ଶିଳ୍ପ ପ୍ରତିଷ୍ଠାନରୁ ପ୍ରତିଦିନ ପ୍ରାୟ ୨୫ ହଜାର ଟନ ବର୍ଜ୍ୟବସ୍ତୁ (ପାଉଁଶ) ବାହାରି ଥାଏ। ହେଲେ କମ୍ପାନୀର ନିଜସ୍ୱ ଆସ୍‌ପଣ୍ଡ ନ ଥିବାରୁ ସେହି ପାଉଁଶକୁ ବିଭିନ୍ନ ସ୍ଥାନରେ ପକାଯାଉଛି । ଏଥିଯୋଗୁ ବାୟୁମଣ୍ଡଳ ପ୍ରଦୂଷିତ ହେବା ସହିତ ଆଖପାଖ ନଦୀନାଳ ବି ଦୂଷିତ ହେଉଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷ ଚୁପ୍ ହୋଇ ବସିଥିବା ବେଳେ ସ୍ଥାନୀୟ ଲୋକେ ହନ୍ତସନ୍ତ ହେଉଛନ୍ତି ।

ସୂଚନା ଅନୁଯାୟୀ, ଝାରସୁଗୁଡ଼ାରେ ଥିବା ଏକ କାରଖାନାରୁ ପ୍ରତିଦିନ ୨୩ ହଜାର ଟନ୍ ପାଉଁଶ ବାହାରି ଥାଏ । ସେହି ପାଉଁଶକୁ ଜିଲାପାଳଙ୍କ କାର୍ଯ୍ୟାଳୟ ପଛପଟ ୱାର୍ଡ ନଂ.୯ ପଞ୍ଚପଡାର ଖାତା ନଂ.୮୭୬ ର ୨୪୦୮ପ୍ଲଟରେ ଥିବା ୫୧.୮୭ ଏକର ଗୋଚର ଜମିରେ ପକାଯାଇ ସମତଳ କରିବା ପାଇଁ ଜିଲା ପ୍ରଶାସନ ଅନୁମତି ଦେଇଛି। ସେଠାରେ ୧୪ ଲକ୍ଷ ମେଟ୍ରିକ ଟନ ପାଉଁଶ ପଡିବ ବୋଲି ଲିଖିତ ଅନୁମତି ମିଳିଛି। ହେଲେ ଅଦ୍ୟାବଧି ପ୍ରାୟ ୫୦ ଲକ୍ଷ ମେଟ୍ରିକ ଟନ ପାଉଁଶ ପକା ସରିଲାଣି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହି ସ୍ଥାନରେ ବଡ ବଡ ଗାତ ଖୋଳାଯାଇ ମୋରମ୍ ବାହାର କରି ବିକ୍ରି କରାଯାଉଛି। ସେହି ଗାତରେ କମ୍ପାନୀ ପାଉଁଶକୁ ପକାଯାଇ ପୋତା ଯାଉଛି। ପରିସ୍ଥିତି ଏପରି ହୋଇଛି ଯେ, ସ୍ଥାନାଭାବରୁ ୨୦ ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚର ପାଉଁଶ ସେଠାରେ ଗଦା ହୋଇରହିଛି। ଏ ଦିଗରେ ପ୍ରଶାସନ କିମ୍ବା ପ୍ରଦୂଷଣ ବୋର୍ଡ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଗାଇଡ୍‌ଲାଇନ ଅନୁସାରେ ଗୋଚର ଜମି, ଜଳ ସ୍ରୋତ କିମ୍ବା ଚାଷଜମି ନିକଟରେ ଏଭଳି ବର୍ଜ୍ୟବସ୍ତୁ ପକାଇବା ପାଇଁ ଅନୁମତି ଦିଆଯାଇ ପାରିବ ନାହିଁ। ହେଲେ ଏଠାରେ ସେହି ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରାଯାଉଛି। ଏ ସଂକ୍ରାନ୍ତରେ ଝାରସୁଗୁଡ଼ା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ହେମେନ୍ଦ୍ରନାଥ ନାଏକଙ୍କୁ ପ୍ରଶ୍ନ କରିବାରୁ ସେ ଖୁବ୍ ହାଲୁକା ଭାବେ ଏ ସଂକ୍ରାନ୍ତରେ ବୁଝିବି ବୋଲି କହିଛନ୍ତି।

କିଛିଦିନ ତଳେ ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘ ପକ୍ଷରୁ ସତ୍ୟ ନାରାୟଣ ରାଓ ଏ ନେଇ କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଯାହାକୁ ଗୁରୁତ୍ୱ ଦେଇ ମନ୍ତ୍ରଣାଳୟ ପକ୍ଷରୁ ଗତ ଏପ୍ରିଲ ୧୦ରେ ରାଜ୍ୟ ଆଡିଶନାଲ ଚିଫ୍ ସେକ୍ରେଟାରି(ଫରେଷ୍ଟ)ଙ୍କୁ ତଦନ୍ତ ପାଇଁ ଚିଠି ଆସିଛି । ଚିଠିରେ ଦର୍ଶାଯାଇଛି ଝାରସୁଗୁଡ଼ା ଜିଲାର ବର୍ଜ୍ୟବସ୍ତୁ ପରିଚାଳନାରେ ତ୍ରୁଟି ଯୋଗୁ ସ୍ଥାନୀୟ ଅଞ୍ଚଳରେ ଥିବା ଛୋଟ ଛୋଟ ନାଳ ସହିତ ଭେଡେନ, ଇବ୍ , ମହାନଦୀ ଓ ହୀରାକୁଦ ଜଳଭଣ୍ଡାରର ଜଳ ପ୍ରଦୂଷିତ ହେଉଥିବା ଅଭିଯୋଗ ହୋଇଛି। ଆସନ୍ତା ଏକମାସ ମଧ୍ୟରେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କର । ଏ ସଂକ୍ରାନ୍ତରେ ବିଭାଗକୁ ରିପୋର୍ଟ ଦିଅ । ତେବେ ଏପର୍ଯ୍ୟନ୍ତ ତଦନ୍ତ କାର୍ଯ୍ୟ ଆଗେଇ ନ ଥିବା ଜଣାପଡିଛି। ଅନ୍ୟପକ୍ଷେ ଗତ ୭ ତାରିଖରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଚେୟାରମ୍ୟାନଙ୍କୁ ଚିଠି ଲେଖି ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପରାମର୍ଶ ଦେଇଛନ୍ତି ।


ଗୋଚର ଜମିରେ ଜମା ହୋଇଥିବା ପାଉଁଶ ।

## ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣାରେ ୨ ଗିରଫ

ସମ୍ବଲପୁର,୧୧ା୭(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅଞ୍ଚଳରେ ମାଇକ୍ରୋ ଫାଇନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଗୋବର୍ଦ୍ଧନ ବଡ଼ମାଲ ଗ୍ରାମର ପ୍ରମୋଦ ବେହେରା (୩୬), ନୁଆଁ ବଳଣ୍ଡାର ପ୍ରଶାନ୍ତ ଗୁରୁ (୩୨) । ସେମାନଙ୍କ ପାଖରୁ ନଗଦ ୨ ହଜାର ଟଙ୍କା, ଲୁଟ ୨ ମୋବାଇଲ ଫୋନ୍, ଆଧାର କାର୍ଡ ଜବତ କରାଯାଇଛ। ଏନେଇ ଏକ ମାମଲା(ନଂ ୮୮ /୨୦) ରୁଜୁ ହୋଇଛି । ଜୁନ୍ ୬ରେ ଭାରତ ମାଇକ୍ରୋଫାଇନାନ୍ସ କମ୍ପାନୀ କର୍ମଚାରୀ ଗୁଣନିଧି ଲୁହା ଏସ୍‌ଏଚ୍‌ଜି ମହିଳାମାନଙ୍କଠାରୁ ଋଣ ଟଙ୍କା ଆଦାୟ କରି ଫେରୁଥିଲେ । ନୁଆଁ ବଳଣ୍ଡା ଗ୍ରାମ ନିକଟରେ ବାଇକରେ ୨ ଯୁବକ ଆସି ତାଙ୍କୁ ଅଟକାଇ ମାରପିଟ କରିବା ସହ ଟଙ୍କା ଲୁଟି ନେଇଥିଲେ । ୨ ଯୁବକ ତାଙ୍କଠାରୁ ୧ ଲକ୍ଷ ୨୨ ହଜାର ଟଙ୍କା ଓ ଆଧାର କାର୍ଡ ଲୁଟି ନେଇଥିବା ଗୁଣନିଧି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା ।

